**ଲୋରି – ଜହ୍ନଠୁ ଲୁଚି ନିଦମାଉସୀ**

ଆକାଶରେ ଲକ୍ଷେ ତାରା ମିଂଜିମିଂଜି ଜଳେ

ଟିକିତାରାଂକୁ ଦେଖି ମୋ ଧନ

ସ୍ୱପ୍ନଝୁଲଣାରେ ଝୁଲେ

ମାଆ ଖୁଆଇଦିଏ ସରାଗ ଭାତ

ଗାଇ ଜହ୍ନ-ତାରା-ସରଗ ଗୀତ

ଜହ୍ନମାମୁଁ ତାରା ମେଳେ

ଲୁଚକାଳି ଖେଳେ

ଜହ୍ନଠୁ ଲୁଚି ନିଦମାଉସୀ

ପହଂଚେ ସେତେବେଳେ । (ଘୋଷା)

(୧)

ଶୋଇଯାଆ ସୁନା ମୋର ଉଠିବୁ ସଅଳ

ଖାଇପିଇ ଖେଳୁଥିବୁ ଝାଟିମାଟି ଖେଳ

ପାଠପଢି ଶିକ୍ଷିତ ହେବୁ ରଖିବୁ ଆମ ଯଶ

ବଡହେଇ ଜିଣିବୁ ଗଡ ଗରବ କରିବ ଦେଶ

ସେଇ ଦେଶ ପରା ମାଆ ଆମର

କରିବୁ ନି କେବେ ମାଆକୁ ପର

ସ୍ନେହ- ମମତାର ବର୍ଷା ହେଉଥାଏ

ତା' ପଣତ ତଳେ ।।

(୨)

ଜଗତସାରା ଗୋଟିଏ ଗାଁ ସଭିଏଁ ଭଉଣୀ-ଭାଇ

ଆକାଶ ଗୋଟେ ଫୁଲବଗିଚା ତାରାଏ ଜୁଇଜାଇ

ସେ ବଗିଚାର ଟିକିଫୁଲଟେ ଆଣି କି ଦେବୁ ମତେ ?

ତତେ ଯେତିକୁ ଭଲ ମୁଁ ପାଏ, ତାକୁ ବି ପାଇବି ସେତେ !

ଦୂର ନାହିଁ ଆଉ ନୂଆସକାଳ

ନୂଆ ଆଶା ନୂଆ ବିଶ୍ବାସ ବେଳ

ଲୋରି ଗାଇ ମତେ ଶୁଆଇ ଦେବୁ

ମୁଁ ସରଗ ଲଭିବି ଭଲେ...

(୩)